## ବଣିଆଡ଼ିହା ଯୁବ କଂଗ୍ରେସର ବୈଠକ

ଲଙ୍ଗଳେଶ୍ୱର,୫।୪(କମଳାକାନ୍ତ ଦାସ): ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ଗ୍ରାମର ଗୋପିନାଥ ସାହୁଙ୍କ ବାସଭବନରେ ଶନିବାର ବଣିଆଡ଼ିହା ଯୁବ କଂଗ୍ରେସ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଜଗତ ଜୀବନ ଦାସଙ୍କ ସଭାପତିତ୍ୱରେ ବାଲିଆପାଳ ବ୍ଲକ୍ ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ସ୍ଥାନୀୟ ସରପଞ୍ଚ କାଳିଚରଣ ଜେନା, ସତ୍ୟ ରଞ୍ଜନ ତ୍ରିପାଠୀ, ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦେଇ ସଂଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ଭାବରେ ତାପସ ପାତ୍ର, ଉପ ସଭାପତି ଏସ୍‌କେ ବାବୁ ଓ ଅକ୍ଷୟ ଜେନା, ସମ୍ପାଦକ ଧର୍ମପଦ ଜେନା, ସହ ସମ୍ପାଦକ ଏସ୍‌କେସି ରବିନ୍ଦ୍ର ଧଳ, ଜୟଦେବ ମହାନ୍ତି, ଚନ୍ଦନ ଜେନା, ଜଗଦୀଶ ପ୍ରଧାନ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ମନୋରଞ୍ଜନ ପାତ୍ର, ପ୍ରଦୀପ ଜେନା, ଅମୁଲ୍ୟ ପଟ୍ଟାୟତ, ସାତୁକ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

# ବେଆଇନ ଭାବେ ଚାଲିଛି ୩୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ାପଥର ଖଣି

ଖଇରା,୫।୪(ଉତ୍କଳବନ୍ଧୁ ପଣ୍ଡା)

**■ପ୍ରଶାସନ ଓ ନେତାଙ୍କୁ ହାତବାରିସି କରିଛନ୍ତି ଚୋରାଚାଲାଣକାରୀ**

**■ବରପଦା, ହରିପୁର ଓ କୁପାରୀରେ ବଢ଼ୁଛି ଅସନ୍ତୋଷ**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ମାଙ୍କଡ଼ା ପଥର ଚାଲାଣକାରୀମାନେ ପୁଣିଥରେ ସକ୍ରିୟ ହୋଇପଡ଼ିଛନ୍ତି। ବନ୍ଦ ପଡ଼ିଥିବା ସମସ୍ତ ମାଙ୍କଡ଼ା ପଥର ଖଣିକୁ ଚାଲୁ କରିଛନ୍ତି। ଦିନରାତି ଏକ କରି ଏହି ଚାଲାଣକାରୀମାନେ ପାଖପାଖି ୩୦ଟି ଖଣିରୁ ଟ୍ରିପ୍ ଟ୍ରିପ୍ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ଟ୍ରାକ୍ଟର ବାଲେଶ୍ୱର ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ, ଖଣି ବିଭାଗ ମନ୍ତ୍ରୀ ଓ ସଚିବ, ବାଲେଶ୍ୱର ଜିଲାପାଳ ଏଥିପ୍ରତି ଦୃଷ୍ଟି ନ ଦେଲେ ସମଗ୍ର କୁପାରୀ ଅଞ୍ଚଳ କୃତ୍ରିମ ହ୍ରଦ ପାଲଟିବ ବୋଲି ଖଣି ସଂଲଗ୍ନ ଗ୍ରାମବାସୀମାନେ କହିଛନ୍ତି। ଉପରୋକ୍ତ ୨ ରାଜସ୍ୱ କ୍ଷେତ୍ର ଅଧୀନରେ ଭରପୁର ମାଙ୍କଡ଼ା ପଥର ଗଚ୍ଛିତ ରହିଛି। ରାଜସ୍ୱ ବିଭାଗ ସରକାରୀ ଭାବେ ନିଲାମ ଦେଉ ନ ଥିବା ବେଳେ ଚୋରାଚାଲାଣକାରୀ ପ୍ରଶାସନ ଓ ନେତାଙ୍କୁ ହାତବାରିସି କରି ଏହି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି। ବର୍ତ୍ତମାନ ବରପଦାରେ ୮ଟି, କଳମଚୁଆରେ ୩ଟି, ରଣପୁରରେ ୩ଟି, ହରିପୁରରେ ୪ଟି, କୁପାରୀ କଲେଜ



ବରପଦା ଅଞ୍ଚଳର ଏକ ମାଙ୍କଡ଼ା ପଥର ଖଣିରୁ ପଥର ଉତ୍ତୋଳନ କରାଯାଉଛି।

ପଛପଟେ ୫ଟି, କୁପାରୀ ସରକାରୀ ମଦ ଦୋକାନ ପଛ ପଟେ ୨ଟି ସମେତ ଅନ୍ୟାନ୍ୟ ସ୍ଥାନକୁ ମିଶାଇ ମୋଟ ୩୦ଖଣି ଚାଲୁଥିବା ନେଇ ନିକଟସ୍ଥ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାତି ତମାମ ପାୱାର ଟିଲର ଗର୍ଜନ କାରଣରୁ ଗ୍ରାମବାସୀଙ୍କୁ ରାତିରେ ଶୋଇବା ମୁସ୍କିଲ ହୋଇ ପଡୁଛି। ଏହିଭଳି ପରିତ୍ୟକ୍ତ ମାଙ୍କଡ଼ା ପଥର ଖଣି ଗାତରେ ପଡ଼ି ୧୦ବର୍ଷରେ ୧୦ଜଣରୁ ଊର୍ଦ୍ଧ୍ୱ ବୟସ୍କ ଓ ଶିଶୁ, ୫୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀ ପ୍ରାଣ ହରାଇ ସାରିଥିବା ବେଳେ ଏବେ ପୁଣି ଥରେ ସୃଷ୍ଟି କରାଯାଉଥିବା ସେହିଭଳି ଗର୍ତ୍ତ ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ମୃତ୍ୟୁଜନ୍ତା ସାଜିଛି। ଏ ସମ୍ପର୍କରେ ଜିଲା ଖଣି ଅଧିକାରୀ ଜଗନ ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କୁପାରୀ ରାଜସ୍ୱ କ୍ଷେତ୍ରରେ ଚାଲିଥିବା ମାଙ୍କଡ଼ା ପଥର ଖଣିଗୁଡ଼ିକ ଉପରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

## ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୮ ଘର



ନିଆଁରେ ପୋଡ଼ିଯାଇଥିବା ଘର।

ନୀଳଗିରି, ୫।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଅଧୀନ ଜମୁଡ଼ିହା ପଞ୍ଚାୟତର ବାଘମରା ତଳ ସାହିରେ ରବିବାର ଦିନ ପ୍ରାୟ ୨ଟା ୩୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୋଟାଏ ପରେ ଗୋଟାଏ ଉକ୍ତ ଗ୍ରାମର ଅଭିମନ୍ୟୁ ସିଂ, ଶତ୍ରୁଘ୍ନ ସିଂ, ଚକ୍ରଧର ସିଂ, ଦୀପକ ସିଂ, ପରମାନନ୍ଦ ସିଂ, ଭାସ୍କର ସିଂ, ଧେନୀ ସିଂଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଥିବାର ଦେଖିବାକୁ ମିଳିଛି। ପରିବାର ଲୋକେ ଜୀବନ ବିକଳରେ ଘରୁ ବାହାରି ପଳାଇଥିବା ବେଳେ ଧାନ, ଚାଉଳ, ଟଙ୍କା, ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏପରିକି ପରିବାର ସଦସ୍ୟଙ୍କ ଆଧାରକାର୍ଡ, ରାସନ୍ କାର୍ଡ ଜମି ଜମା ପଟ୍ଟା, ଆବଶ୍ୟକୀୟ କାଗଜପତ୍ର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ ବାହିନୀ, ରେମୁଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ମାତ୍ର ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣା ପଡି ନ ଥିବା ବେଳେ ପ୍ରାଥମିକ ତଦନ୍ତରୁ ସଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ପହଞ୍ଚି ତଦନ୍ତ କରିଛନ୍ତି। କ୍ଷତିଗ୍ରସ୍ତ ମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ପୀର ବାବାଙ୍କ ବାର୍ଷିକ ଉତ୍ସବ, ଜଲ୍‌ସା କାର୍ଯ୍ୟକ୍ରମ

ବାଲିଆପାଳ,୫।୪(ରାଜଶ୍ରୀ ପାଣିଗ୍ରାହୀ/ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ କଟୁଆପଡା ଗ୍ରାମରେ ହଜରତ ହାଫିଜ ବଦିରୋଦ୍ଦିନ ପୀର ବାବାଙ୍କ ୩୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାଦରୀ କମିଟିପକ୍ଷରୁ ଜଲ୍‌ସା କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜେଡିର ପୂର୍ବତନ ବ୍ଲକ୍ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ସାମାଜିକ କର୍ମୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ନଜିର ଖାଁ, ସ୍ଥାନୀୟ କଂଗ୍ରେସ ନେତା ବିଜନ ନାୟକ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ସାମାଜିକ କର୍ମୀ ଜଗନ୍ନାଥ ବାରିକ, ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ବାଲିଆପାଳ ମସ୍‌ଜିଦ୍‌ଠାରୁ କଟୁଆପଡା ମସ୍‌ଜିଦ୍ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲାନାଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା। କମିଟି ସଭାପତି ଇସରାଫିଲ ଶାହା, ସମ୍ପାଦକ ଫିରୋଜ ଶାହାଙ୍କ ସମେତ ଇନତାଜ ଶାହା, ଶେଖ୍ ବୁଲୁ, କ୍ଷୀରୋଦ ଶାହା, ଶେଖ୍ ଜହର, ଶେଖ୍ ଇବ୍ରାହିମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ



ଶିଳାନ୍ୟାସ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହ ନେତୃବୃନ୍ଦ।

ବାଲେଶ୍ୱର,୫।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନ ରେମୁଣା ନିର୍ବାଚନମଣ୍ଡଳୀରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଚଷାଖଣ୍ଡ ପଞ୍ଚାୟତ ଅଧୀନ ଶହୀଦ ବାଘାଯତୀନ ସ୍ମୃତିପୀଠର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁଦାନକ୍ରମେ ଓଟିଡିସି ପକ୍ଷରୁ ପ୍ରଦତ୍ତ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ଏହାପରେ ଇଞ୍ଚୁଡ଼ି ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଲବଣ ସତ୍ୟାଗ୍ରହ ସ୍ମୃତିପୀଠର ଉନ୍ନତି ପାଇଁ ୨ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଅପରପକ୍ଷେ ଓଡ଼ିଶା ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ଇଞ୍ଚୁଡ଼ି ପଞ୍ଚାୟତର ଲବଣ ସତ୍ୟାଗ୍ରହ ସ୍ମୃତିପୀଠ ଏବଂ ସିଆଳିପଦା ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଶିଳାନ୍ୟାସ ହୋଇଛି। ଏହି ଉନ୍ନତୀକରଣ ରେମୁଣାକୁ ପର୍ଯ୍ୟଟନ ମାନଚିତ୍ରରେ ଆହୁରି ଉଜ୍ଜ୍ୱଳ କରିବା ସହ ପବିତ୍ର ପୀଠଗୁଡ଼ିକର ଗୌରବକୁ ନୂତନ ଦିଗ ଦେବ ବୋଲି ଏମ୍‌ପି ଓ ବିଧାୟକ କହିଥିଲେ। ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ରେମୁଣାର ପୂର୍ବତନ ବ୍ଲକ ଅଧକ୍ଷ ଗୋପୀନାଥ ସେନାପତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ ମଣ୍ଡଳ, ମଣ୍ଡଳ ସଭାପତି ମାନସ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଦାସ, ଅନାଦି ନାୟକ, ଅଜୟ ବାରିକ, ଡମ୍ବରୁଧର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ସିଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ବାହାନଗା,୫।୪(ଅରୂପ କୁମାର ଦାସ)

**ବାହାନଗା ତହସିଲଦାର କଲେ ଚଢ଼ାଉ**

ବାଲେଶ୍ୱର ଜିଲା ବାହାନଗା ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅମ୍ବିକା ଭୂୟାଁ ଚଢ଼ାଉ କରି ୧୦ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ବାହାନଗା ତହସିଲ ଅଞ୍ଚଳରେ ଘରୋଇ ଏଲ୍‌ପିଜି ସିଲିଣ୍ଡରକୁ ବ୍ୟବସାୟିକ କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଥିଲା। ପ୍ରଶାସନ ପକ୍ଷରୁ ବାହାନଗା ତହସିଲଦାର ହଠାତ୍ ବିଭିନ୍ନ ହୋଟେଲ ଉପରେ ଚଢ଼ାଉ କରିଥିଲେ। ବାହାନଗା ଓ ଗୋପାଳପୁର ଅଞ୍ଚଳର ବିଭିନ୍ନ ହୋଟେଲରେ ଯାଞ୍ଚବେଳେ ୧୦ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଥିଲେ। ଏହି ଚଢ଼ାଉର ମାର୍କେଟିଂ ଇନ୍ସପେକ୍ଟର ରାକେଶ କୁମାର ପାତ୍ର ଓ ଗୋପାଳପୁର ଥାନା ଏସଆଇ ଚନ୍ଦ୍ରଶେଖର ମହାନ୍ତିଙ୍କ ସହିତ ପୋଲିସ ଟିମ୍ ସାମିଲ ହୋଇଥିଲେ। ଯାଞ୍ଚ ସମୟରେ କିଛି ହୋଟେଲରେ କମର୍ସିଆଲ ଗ୍ୟାସ ପରିବର୍ତ୍ତେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥିଲା। ପରେ ତହସିଲଦାର ଉକ୍ତ ହୋଟେଲର ମାଲିକମାନଙ୍କୁ ତାଗିଦ କରିଥିଲେ। ଘରୋଇ ଗ୍ୟାସ କେବଳ ଘରୋଇ ବ୍ୟବହାର ପାଇଁ ନିର୍ଦ୍ଧାରିତ ଥିବାରୁ ଏହାକୁ ବ୍ୟବସାୟିକ କାମରେ ବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି।

## ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ଭୋଗରାଇ,୫।୪ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଏଭଳି ଅନିୟମତିତା ଅଭିଯୋଗ କରି ବିଧବା ମହିଳା ସୁଲୋଚନା ଦାସ ନ୍ୟାୟ ନିମନ୍ତେ ବିଇଓ ଓ ଜିଲାପାଳଙ୍କଠାରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ପର ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ତଥା ପୁତ୍ର ସନ୍ତାନହୀନ ବିଧବା ମହିଳାଙ୍କୁ ଏଥିରୁ ବଞ୍ଚିତ କରି ଆର୍ଥିକ ସ୍ୱଚ୍ଛଳ ପରବାର ମହିଳାଙ୍କୁ ଶିଶୁ ସେବିକା ଭାବେ ଚୟନ କରାଯାଇଛି। ଏହାବ୍ୟତୀତ ପରିଚାଳନା କମିଟିର ସମସ୍ତ ସଦସ୍ୟା, ସଦସ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପର୍ଯ୍ୟବେକ୍ଷକ ଭାବେ ସିଆରସିସି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଠକରେ ଉପସ୍ଥିତି ଥାଇ କେବଳ ପ୍ରାର୍ଥୀଙ୍କ ସମ୍ପର୍କରେ ଆଲୋଚନା କରାଯିବା ସହ ସେମାନଙ୍କ ମଧ୍ୟରୁ ମନୋନୀତ ୨ ଜଣଙ୍କ ନାମ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯିବାର ନିଷ୍ପତ୍ତି ନିଆଯାଇଥିଲା। ରିଜୋଲ୍ୟୁସନ ବହିରେ ଦସ୍ତଖତ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ପ୍ରକ୍ରିୟା ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାୟିତ୍ୱରେ ଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବରେ ବ୍ୟତିକ୍ରମ

ଔପଦା, ୫।୪ (ଧରିତ୍ରୀ ପଣ୍ଡା)

ସରକାର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ିକରଣ ଏବଂ ଶତପ୍ରତିଶତ ନାମଲେଖା ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ବାଲେଶ୍ୱର ଜିଲା ଔପଦା ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ନୂତନ ଶିକ୍ଷା ବର୍ଷରେ ଶିଶୁ ବାଟିକା ଶ୍ରେଣୀରେ ପିଲାମାନଙ୍କୁ ସାମିଲ କରିବା ପାଇଁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଔପଦା ବ୍ଲକ୍‌ରେ ଯୋଜନାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ନିଷ୍ପତ୍ତି ମୁତାବକ, ଏପ୍ରିଲ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ସଚେତନତା ରଥ ପରିକ୍ରମା କରିବା ସହ ୬, ୭ ଓ ୮ ତାରିଖରେ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଅଛି। ଏଥିସହିତ 'ଆସ ସ୍କୁଲ ଯିବା ୨.୦' ଅଭିଯାନ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅଭିଭାବକଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଛି। ଔପଦା ପିଏମ୍ ଶ୍ରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକ୍ ଉପାଧକ୍ଷ ପ୍ରଭାକର ସାହୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ବି.ଇ.ଓ. ନାରାୟଣ ଦାସ, ବିଧାୟକଙ୍କ ପ୍ରତିନିଧି ତଥା ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଚରଣ ନାୟକ, ଏ.ବି.ଓ. ରତ୍ନାକର ଦାସ, ସୀତା ହାଁସଦା ଏବଂ ପି.ଏମ. ଶ୍ରୀ ବିଦ୍ୟାଳୟର ଆଲୁମୁନି ସଭାପତି ଡଃ ହରପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧିମାନଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ସରକାରୀ ନିର୍ଦ୍ଦେଶାବଳୀକୁ ଏଠାରେ ଉପେକ୍ଷା କରାଯାଇଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଉଭୟଙ୍କ ମତରେ କୌଣସି ତାଳମେଳ ରହୁନାହିଁ। ଜଣେ ଅଧିକାରୀ ଅନ୍ୟ ଜଣଙ୍କ ଉପରେ ଦୋଷ ଲଦିବା ଭଳି ମନେ ହେଉଛି। ଫଳରେ ବ୍ଲକ୍‌ରେ ଶିକ୍ଷା ବିଭାଗର ସମନ୍ୱୟ ରକ୍ଷା ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୨ ଦିନ ପରେ ସତ୍କାର ହେଲା ମୃତଦେହ

**ପାରିବାରିକ କଳହରୁ ବିଷ ପିଇ ସ୍ୱାମୀଙ୍କ ମୃତ୍ୟୁ ଘଟଣା**

ସୋର,୫।୪(ଜନ୍ମେଜୟ ମିଶ୍ର)

ପାରିବାରିକ କଳହରୁ ବିଷପିଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ଦାବିରେ ୨ ଦିନ ହେଲା ମୃତଦେହ ସତ୍କାର ନ କରି ରଖିଥିଲେ। ରବିବାର ପୋଲିସ ମୃତଦେହ ସତ୍କାର କରିଛି। ବାଲେଶ୍ୱର ଜିଲା ସୋର ଥାନା ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗ୍ରାମର ଧୂସା ମଲିକ ଓ ତାଙ୍କ ସ୍ତ୍ରୀ କଣ୍ଢେଇଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ଲାଗିଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଧୂସା ଶନିବାର ମଧ୍ୟାହ୍ନରେ ବିଷପିଇ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଥିଲା। ଖବରପାଇ ଅନନ୍ତପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ଧୂସାଙ୍କୁ ତାଙ୍କ ସ୍ତ୍ରୀ କଣ୍ଢେଇ ଓ ୨ ଶାଳକ ମିଶି ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ମୃତଦେହ ସତ୍କାର ପାଇଁ ରାଜି ହୋଇ ନ ଥିଲେ। ସୋର ଥାନା ଅଧିକାରୀ ମୁକୁନ୍ଦ ମୁରାରିପାତ୍ର ଓ ଅନନ୍ତପୁର ଥାନା ଅଧିକାରୀ ସରୋଜ କୁମାର ଦାସ ବୁଝାଶୁଝା କରିଥିଲେ ମଧ୍ୟ ପରିବାର ଲୋକେ ମୃତଦେହ ସତ୍କାର କରି ନ ଥିଲେ। ଶେଷରେ ପୋଲିସ ବାଧ୍ୟହୋଇ ମୃତଦେହ ଏକ ସ୍ୱର୍ଗରଥ ଗାଡ଼ିରେ ଫେରାଇ ଆଣି ସୋର ପୌରପାଳିକା ଅଧୀନ ସ୍ୱର୍ଗଦ୍ୱାରରେ ସତ୍କାର କରିଥିବା ସୂଚନା ମିଳିଛି।

## ଗୋଠଛଡ଼ା ଦନ୍ତାର ଉପଦ୍ରବ

ଜଳେଶ୍ୱର,୫।୪(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଞ୍ଚଳରେ ଗତ ୫ ଦିନ ହେଲା ଏକ ଗୋଠଛଡ଼ା ଦନ୍ତା ହାତୀ ଉପଦ୍ରବ କରୁଛି। ଶନିବାର ହାତୀ ଖୁଆଡ଼ ପଞ୍ଚାୟତର ପୁରୁଣାପାଣି ଗ୍ରାମ ଚନ୍ଦନ ସାହୁଙ୍କ ଫାର୍ମହାଉସ୍‌ରେ ପଶି ୧୦୦ରୁ ଅଧିକ କଦଳୀ ଗଛ ଖାଇବା ସହ ନଷ୍ଟ କରିଦେଇଛି। ରବିବାର ଭୋର ସମୟରେ ନୂଆଗାଁରେ ହରେନ୍ଦ୍ର ବେହେରାଙ୍କ ଘରର ତାଟି କବାଟ ଭାଙ୍ଗି ଘର ମଧ୍ୟରୁ ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଛି। କାଳିକ ପଞ୍ଚାୟତର ରଙ୍ଗାମାଟିଆ ଗ୍ରାମର ହରିଶ ଚନ୍ଦ୍ର ବେରା, ନୟନ ବେରା ଓ ଉମାକାନ୍ତ ବେରାଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ବରଡ଼ିହା ବନ କାର୍ଯ୍ୟାଳୟର ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକ ଟିମ୍ ସହ ପହଞ୍ଚି ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ କ୍ଷତିପୂରଣ ପ୍ରଦାନ କରାଯିବ। ଜଙ୍ଗଲ ଜମିରେ ହୋଇଥିବା ଘର ଭାଙ୍ଗିଲେ କ୍ଷତିପୂରଣ ମିଳିବା ସମ୍ଭାବନା କମ୍ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ୮ରୁ ବୈଶାଖୀ ମହୋତ୍ସବ

ବାଲେଶ୍ୱର,୫।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସହରସ୍ଥିତ ଆଇଟିଆଇ ପଡ଼ିଆରେ ଚଳିତମାସ ୮ ତାରିଖରୁ ବୈଶାଖୀ ମହୋତ୍ସବ ଆରମ୍ଭ ହେବ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ମହୋତ୍ସବ କମିଟି ପକ୍ଷରୁ ରବିବାର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। କମିଟି ଉପସଭାପତି ସୁଶାନ୍ତ କୁମାର ଦାସ, ଉପଦେଷ୍ଟା ଉଜ୍ଜଳ ଚନ୍ଦ୍ର କର, ସମ୍ପାଦକ ଦିବାକର ଜେନା, ସଂଯୋଜକ ଗଗନ କୁମାର ସେଠୀ ଓ ସଦସ୍ୟ ସନ୍ଦୀପ କୁମାର ଦାସ କହିଥିଲେ, ମହୋତ୍ସବରେ ଜିଲା ଓ ଜିଲା ବାହାରୁ ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କର ହାତ ତିଆରି ଜିନିଷ ପ୍ରଦର୍ଶନ କରିବେ। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଜିଲା ଓ ଜିଲା ବାହାରର ବିଶିଷ୍ଟ ବ୍ୟକ୍ତିମାନେ ମହୋତ୍ସବରେ ଯୋଗଦେବେ। ଏହାବାଦ୍ ମହୋତ୍ସବରେ ରାମଦୋଳି, ଡ୍ରାଗନ, ୱାଟର ପାର୍କ ପ୍ରଭୃତି ପିଲାମାନଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା ରହିବ। ମହୋତ୍ସବରେ ବହୁ ସଂଖ୍ୟକ ଲୋକ ଯୋଗଦେବା ପାଇଁ କମିଟି କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

## 'ଗୁଣାତ୍ମକ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ'

ବାଲେଶ୍ୱର,୫।୪(ବାଞ୍ଛାନିଧି ଦେ)

**ପିଲାଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରାଇଲେ ବିଧାୟକ**

ଓଡ଼ିଆ ପକ୍ଷ ଅବସରରେ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିଶୁଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପିଲାଙ୍କୁ ଖଡ଼ି ଧରାଇ ସ୍ଲେଟ୍ ପଟାରେ ବିଦ୍ୟା ଆରମ୍ଭ ସହ ସେମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଗୁଣାତ୍ମକ ଶିକ୍ଷା ପ୍ରଦାନ, ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ପ୍ରବେଶ ଉତ୍ସବ ଏବଂ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିଧାୟକ କହିଥିଲେ। ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଶିଶୁବାଟିକାର ଭିତ୍ତିଭୂମି ଉପରେ ନୂତନ ପିଢ଼ିର ଭବିଷ୍ୟତ ନିର୍ଭର କରୁଛି। ଏଣୁ



ବିଧାୟକ ମାନସ କୁମାର ଦତ୍ତ ଜଣେ ଶିଶୁଙ୍କୁ ଖଡ଼ି ଛୁଆଁଉଛନ୍ତି।

ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ବିଧାୟକ ଦତ୍ତ କହିଥିଲେ। ଏହି ଅବସରରେ ଶିଶୁବାଟିକାର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟ ଉପକରଣ ଓ ବ୍ୟବସ୍ଥାକୁ ସେ ବୁଲି ଦେଖିଥିଲେ। 'ସଭିଏଁ ସ୍କୁଲ ଯିବା' ଓ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ ବିକଶିତ ଓଡ଼ିଶା' ଶୀର୍ଷକ ବାର୍ତ୍ତାକୁ ନେଇ ଏକ ସଚେତନତା ରଥକୁ ପତାକା ଦେଖାଇ ବିଧାୟକ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ପୌର ପରିଷଦର କାଉନସିଲର ପ୍ରୀତିଲତା ସେଠୀ, ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ, ସଦର ବିଇଓ ଯଜ୍ଞେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଓଆର୍‌ଏସ୍ ସ୍ମାର୍ଟ ନୂଆସାହି ଚାମ୍ପିୟନ

### ସିମୁଳିଆ ଫୁଟବଲ କପ୍

ସିମୁଳିଆ,୫।୪(ସନ୍ତୋଷ ନାୟକ)– ମାର୍କୋଣା ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ପରିସରରେ ଏକ ଦିବସୀୟ ସିମୁଳିଆ ଫୁଟବଲ କପ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଓଆରଏସ ସ୍ମାର୍ଟ ନୂଆସାହି ବାଘାଯତିନ ଟିମକୁ ୨–୦ଗୋଲରେ ପରାସ୍ତକରି ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝୀ, ପୋଲିସ ବାହିନୀରେ କାର୍ଯ୍ୟରତ ପ୍ରଫୁଲ୍ଲ ଦାସ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହେମରା ମାରାଣ୍ଡି, ଅକ୍ଷୟ ହେମ୍ବ୍ରମ, ଗଣେଶ୍ୱର ସିଂ ଓ ମାନସ ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମାର୍କୋଣା ଆଥଲେଟିକ ଆସୋସିଏସନର ସମ୍ପାଦକ ରମାକାନ୍ତ ପଣ୍ଡା, ମାର୍କୋଣା ସରପଞ୍ଚ କମଳାକାନ୍ତ ନାୟକ, ଆଇନଜୀବୀ କୈଳାସଚନ୍ଦ୍ର ଲେଙ୍କା ଯୋଗ ଦେଇଥିଲେ। ଗଦାଧର ଜେନା ମଞ୍ଚ ପରିଚାଳନା କରିଥିଲେ।

## କଂଗ୍ରେସର ସଂକଳ୍ପ ସମାବେଶ



ଚାନ୍ଦବାଲି,୫।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକରେ କଂଗ୍ରେସ ପକ୍ଷରୁ ରବିବାର ଏକ ଶୋଭାଯାତ୍ରା ସହ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂତନ ବ୍ଲକ୍ ସଭାପତି ଶୁଭାଶିଷ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ କଂଗ୍ରେସ ସଭାପତିରଞ୍ଜିତ ପାତ୍ର ଯୋଗ ଦେଇଥିଲେ। ଜିଲା ସଭାପତି ନଳିନୀ ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପୂର୍ବତନ ବିଧାନସଭା ପ୍ରାର୍ଥୀ ଦିଗମ୍ବର ଦାସ, ଯୁବନେତା ମନୋଜ ବିଶ୍ୱାଳ, ସତ୍ୟାନନ୍ଦ ରାଉତ, ଅଭିଷେକ ରାଉତ ଓ ବଦ୍ରିନାଥ ନାୟକଙ୍କ ସମେତ ନେତୃବୃନ୍ଦ ଯୋଗ ଦେଇଥିଲେ। ଧାମରା ବନ୍ଦରରେ ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦେବାକୁ ନେତାମାନେ ଦାବି ଉଠାଇଥିଲେ। ସେହିପରି ଡବଲ ଇଞ୍ଜିନ ସରକାରଙ୍କୁ ଦେଶରୁ ହଟାଇବା ସହ କଂଗ୍ରେସକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କିଶୁରାମ ଜେନା, ରମେଶ ନାୟକ, ଧୀରେନ୍ଦ୍ର ବେହେରା, ସରପଞ୍ଚ ପ୍ରମିଳା ମାଝୀ, ଶ୍ରୀବଚ୍ଛ ଦାସ, ସଂଗ୍ରାମ ଦାସ, ସୀତାଂଶୁ ନାୟକ, ରାଜେଶ ସ୍ୱାଇଁ, ଦୀପକ ଭୋଇ, ପ୍ରତାପ ସାମଲ, ସୁଦର୍ଶନ ମାହୁନ୍ତଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଆଶିଷ ମାହୁନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୧୦ ପର୍ଯ୍ୟନ୍ତ ଅଗ୍ନିପଥ ପଞ୍ଜୀକରଣ

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): ଭାରତୀୟ ସେନାର ଅଗ୍ନିପଥ ଯୋଜନା, ନିୟମିତ କ୍ୟାଡର ନିଯୁକ୍ତି ପାଇଁ ୨୦୨୬-୨୭ ନିଯୁକ୍ତି ବର୍ଷର ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା ନିମିତ୍ତେ ପଞ୍ଜୀକରଣ ପ୍ରକ୍ରିୟା ୧୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ। ଯୋଗ୍ୟ ଆଶାୟୀ ଭାରତୀୟ ସେନାର ନିର୍ଦ୍ଧାରିତ ୱେବ୍‌ସାଇଟ ମାଧ୍ୟମରେ ଅନ୍‌ଲାଇନ ଆବେଦନ କରିପାରିବେ। ପ୍ରଥମେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷାରେ ଅବଶ୍ୟ ଉପସ୍ଥିତ ହେବାକୁ ପଡ଼ିବ। ପରୀକ୍ଷା କମ୍ପ୍ୟୁଟର ଆଧାରିତ ହେବାକୁ ଥିବା ବେଳେ ପ୍ରତ୍ୟେକ ଆଶାୟୀଙ୍କୁ ୨୫୦ ଟଙ୍କା ପରୀକ୍ଷା ଶୁଳ୍କ ଦେବାକୁ ହେବ। ପରୀକ୍ଷା ଜୁନ୍‌ରେ ଆୟୋଜିତ ହେବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରାଯିବ। ଏ ସମ୍ବନ୍ଧରେ କୌଣସି ପ୍ରଶ୍ନ ପାଇଁ ରାଜ୍ୟର ଅନୁଗୋଳ, ବରଗଡ଼, ବଲାଙ୍ଗୀର, ଦେଓଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦୁଝର, ସୁବର୍ଣ୍ଣପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ଆଶାୟୀମାନେ ଆର୍ମି ରିକ୍ରୁଟିଂ ଅଫିସ, ସମ୍ବଲପୁର ସହିତ ଯୋଗାଯୋଗ କରିପାରିବେ।

### ଢାବାରୁ ବିଦେଶୀ ମଦ ଜବତ

ପାଟଣା,୫।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଦେଓନଦୀ ସନ୍ନିକଟ ଏକ ରେଷ୍ଟୁରାଣ୍ଟରେ ରବିବାର ପାଟଣା ପୋଲିସ ଚଢ଼ାଉ କରି ବେଆଇନ ୧୫ ଲିଟର ୧୦ ପ୍ରକାର ବିଦେଶୀ ମଦ ଜବତ କରିଛି। ପାଟଣା ଥାନାରେ ଏକ ମାମଲା(ନଂ. ୧୪୧/୨୬)ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

### ୧୬ ବର୍ଷରୁ କମ୍ ଏଲିଟ୍ କ୍ୟାମ୍ପ ଏନ୍‌ସିଏ ଶିବିରରେ କେନ୍ଦୁଝରରୁ ଆଶୁତୋଷ

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ୧୬ ବର୍ଷରୁ କମ ବାଳକ ଏଲିଟ କ୍ୟାମ୍ପ ଲାଗି ଓଡ଼ିଶାର ୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ୩ ଜଣଙ୍କ ମଧ୍ୟରେ କେନ୍ଦୁଝର ଜିଲା ବଲାଣିରୁ ଆଶୁତୋଷ ନାଏକ ଚୟନ ହୋଇଛନ୍ତି। ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଚୟନ ହୋଇଥିବା ଖେଳାଳିଙ୍କୁ ନେଇ ଜାତୀୟ କ୍ରିକେଟ୍ ଏକାଡ଼େମୀ ଦେଶର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛି। ଶିବିର ଅହମ୍ମଦାବାଦ, ଡେରାଡୁନ ଏବଂ ଜୟପୁରଠାରେ ମେ ୧୧ରୁ ଆରମ୍ଭ ହୋଇ ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ଯୋଗଦେବା ପାଇଁ ଆଶୁତୋଷ ଚୟନ ହୋଇଛନ୍ତି।



### ଗୋଣ୍ଡ ସାଂସ୍କୃତିକ ସମାଜର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଗୋଣ୍ଡ ସାଂସ୍କୃତିକ ସମାଜର ରବିବାର ପୂର୍ବାହ୍ନ ୧୧ ଟାରେ ଜିଲା ଭୂୟାଁ ସାଂସ୍କୃତିକ ଭବନଠାରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ଗଣ ଉପସ୍ଥିତ ହୋଇ ଗୋଣ୍ଡ ଜାତିର ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଗୋଣ୍ଡ ସାଂସ୍କୃତିକ ସମାଜ କେନ୍ଦୁଝରର ନବ ନିର୍ବାଚିତ ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅତିଥିଭାବେ ପାଟଣା ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ସାଧାରଣ ସମ୍ପାଦକ ଯୁଧିଷ୍ଠିର ସିଂହ, ଉପସଭାପତି ବେଣୁଧର ନାୟକ, କୋଷାଧ୍ୟକ୍ଷ ପରେଶ ମହାପାତ୍ର, ସହ କୋଷାଧ୍ୟକ୍ଷ ରୁଦ୍ରଚରଣ ସିଂହ, ସହ ସମ୍ପାଦକ ବାସୁଦେବ ନାୟକ, ସଦସ୍ୟ ବସନ୍ତ ନାୟକ, ବୃଷକେତୁ ନାୟକ, ପର୍ଶୁରାମ କବାଟଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଗୋଣ୍ଡ ଜାତିର ଉନ୍ନତି କିପରି ହେବ ସେ ବିଷୟରେ ଆଲୋଚନା କରିଥିଲେ। ଗୋଣ୍ଡ ସାଂସ୍କୃତିକ ସମାଜ କେନ୍ଦୁଝରରେ ସମାଜ ଏକତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିବା ବେଳେ ଜାତି ଭିତରେ ରାଜନୀତି କରା ନ ଯାଉ ବୋଲି କୁହାଯାଇଥିଲା। କୋଷାଧ୍ୟକ୍ଷ ପରେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାଙ୍କ କ୍ରୀଡ଼ା, ବୌଦ୍ଧିକ ବିକାଶରେ ବାଧା

## ଜିଲାର ୪୬୧ଟି ବିଦ୍ୟାଳୟରେ ନାହିଁ ଖେଳପଡ଼ିଆ

କେନ୍ଦୁଝର,୫।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବହୁ ସମ୍ଭାବନା ରହିଛି। ଜିଲାରୁ କ୍ରିକେଟର ଶୁଭ୍ରାଂଶୁ ସେନାପତିଙ୍କଠାରୁ ଆରମ୍ଭ କରି ଅଣ୍ଡର ୧୯ରେ ଖେଳୁଥିବା ସାର୍ଥକ ସ୍ୱୟଂ ପ୍ରକାଶ ପର୍ଯ୍ୟନ୍ତ କ୍ରିକେଟର ଜିଲା, ରାଜ୍ୟ ଏବଂ ଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନଙ୍କଠାରୁ ପ୍ରେରଣା ପାଇ ଜିଲାରେ ପିଲାମାନେ ଖେଳ ପ୍ରତି ଆଗ୍ରହୀ ହେଉଛନ୍ତି। ମାତ୍ର କ୍ରୀଡ଼ାବିତ୍‌ଙ୍କ ପ୍ରାରମ୍ଭିକ ସ୍ୱପ୍ନ ଆରମ୍ଭ ସ୍ଥାନ ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବାରୁ କ୍ରୀଡ଼ା, ଶାରୀରିକ ତଥା ବୌଦ୍ଧିକ ବିକାଶରେ ବାଧା ଉପୁଜୁଛି।

ସୂଚନା ଅନୁଯାୟୀ, କେନ୍ଦୁଝରରେ ଥିବା ସରକାରୀ ଅନୁଦାନପ୍ରାପ୍ତ, ବ୍ଲକ୍ ଗ୍ରାଣ୍ଟ ଏପରି ଭାବେ ବିଭିନ୍ନ ବର୍ଗରେ ୪୦୧ଟି ହାଇସ୍କୁଲ ରହିଛି। ହାଇସ୍କୁଲ ମଧ୍ୟରୁ ୧୪୨ଟି ଉଚ୍ଚ ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ। ଅନେକ ବିଦ୍ୟାଳୟରେ ଖେଳପଡ଼ିଆ ଥିଲେ ହେଁ ତାହା ଅବରୋଧ ହୋଇରହିଛି। ସେଥି ମଧ୍ୟରେ ହାଟଡ଼ିହୀ ବ୍ଲକ୍‌ର ହଦଗଡ଼ ବିଦ୍ୟାଳୟର ଖେଳପଡ଼ିଆ ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଯୋଡ଼ା ବ୍ଲକ୍‌ର ବାମେବାରୀ ହାଇସ୍କୁଲର ଖେଳପଡ଼ିଆ ଜଙ୍ଗଲ କିସମ, ଆନନ୍ଦପୁର ପୌରପାଳିକାର ଶାଳପଡ଼ାଠାରେ ଥିବା କ୍ଷେତ୍ରମୋହନ ବିଦ୍ୟାପୀଠର ଖେଳପଡ଼ିଆ ବିଦ୍ୟାଳୟ ନାମରେ ନାହିଁ। ଅନେକ ହାଇସ୍କୁଲରେ ଏପରି ଅବସ୍ଥା ରହିଥିବାରୁ ସରକାରଙ୍କ ଅନୁଦାନ ଆସିଲେ ମଧ୍ୟ ଖେଳପଡ଼ିଆଗୁଡ଼ିକର ଉନ୍ନତି କରାଯାଇପାରୁନାହିଁ। ଆନନ୍ଦପୁର ବ୍ଲକ୍ ଓ ଆନନ୍ଦପୁର ପୌରପାଳିକା ଅଧୀନରେ ୩୧ଟି ହାଇସ୍କୁଲରୁ ଆନନ୍ଦପୁର ବ୍ଲକ୍‌ର ୫ଟି ହାଇସ୍କୁଲ ଖେଳପଡ଼ିଆ, ବାଂଶପାଳ ବ୍ଲକ୍‌ରେ ୨୬ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୬ଟି ହାଇସ୍କୁଲର ଖେଳପଡ଼ିଆ ବିଦ୍ୟାଳୟ ନାମରେ ପଟ୍ଟାନାହିଁ। ଘଷିପୁରା ବ୍ଲକ୍‌ର ୩୬ଟି ହାଇସ୍କୁଲ ମଧ୍ୟରୁ ୪ଟି ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନାହିଁ। ଘଟଗାଁରେ ୩୬ଟି ହାଇସ୍କୁଲ ଥିବାବେଳେ ୨୦ଟି ଉଚ୍ଚ ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ। ହରିଚନ୍ଦନପୁରରେ ୨୨ଟି ହାଇସ୍କୁଲ ଥିବାବେଳେ ୫ଟି ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ ବୋଲି ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ଝୁମ୍ପୁରାରେ ୩୦ଟି ହାଇସ୍କୁଲ ସରକାରଙ୍କ ପରିଚାଳନାରେ ଥିବାବେଳେ ୧୪ଟି ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ। ଯୋଡ଼ା ବ୍ଲକ୍ ଓ ଯୋଡା ପୌରପାଳିକାରେ ମୋଟ ୨୦ଟି ହାଇସ୍କୁଲରୁ ୧୩ଟି, ପାଟଣା ବ୍ଲକ୍‌ରେ ୧୮ଟି ସରକାରୀ ହାଇସ୍କୁଲ ମଧ୍ୟରୁ ୬ଟି, ତେଲକୋଇ ବ୍ଲକ୍‌ରେ ୩୩ଟି ବିଦ୍ୟାଳୟ ମଧ୍ୟରୁ ୧୨ଟି, କେନ୍ଦୁଝର ସଦର ବ୍ଲକ୍ ଓ ସଦର ମହକୁମାର ବା କେନ୍ଦୁଝରଗଡ ପୌରପାଳିକାରେ ମୋଟ ୫୪ଟି ହାଇସ୍କୁଲ ମଧ୍ୟରୁ ୨୧ଟି ହାଇସ୍କୁଲରେ ଖେଳପଡିଆ ନ ଥିବା ଜଣାପଡ଼ିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ମଧ୍ୟ ସମାନ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ ପ୍ରାୟ ୧୨୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖେଳ ଶିକ୍ଷକ ଥିବା ବେଳେ ଅବଶିଷ୍ଟ ବିଦ୍ୟାଳୟରେ ଖେଳ ଶିକ୍ଷକ ନାହାନ୍ତି। ଜିଲାରେ ଥିବା ମୋଟ ୨୫୨୩ଟି ହାଇସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୪୬୧ଟି ବିଦ୍ୟାଳୟର ଖେଳପଡ଼ିଆନାହିଁ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ବର୍ତ୍ତମାନ ସରକାରଙ୍କ ଗୋଦାବରୀଶ ମିଶ୍ର ଯୋଜନାରେ ଏହାର ବ୍ୟବସ୍ଥା କରାଯାଉଛି। ନିଜସ୍ୱ ଖେଳପଡ଼ିଆ ନ ଥିବା ସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକଙ୍କୁ କୁହାଯାଇଛି ସେମାନେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବେ। ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ନେବେ। ସରକାର ଓ ପ୍ରଶାସନ ପକ୍ଷରୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ।

# ‘ଖବରଦାତା ସମାଜର ଜାଗ୍ରତ ପ୍ରହରୀ’



ବୈଠକରେ ଉପସ୍ଥିତ ଅତିଥିମାନେ।

ଆନନ୍ଦପୁର/ବଞ୍ଜୋ,୫।୪(ସୁଶାନ୍ତ କୁମାର ସାହୁ / ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁରର ଏକ ହୋଟେଲରେ ରବିବାର ରାଜ୍ୟ ସାମ୍ବାଦିକ ସଂଘ ଷ୍ଟେଟ ୟୁନିୟନ ଅଫ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁଜେ ଓଡ଼ିଶା ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଯୋଗଦେଇ, ଖବରଦାତା ସମାଜର ଜାଗ୍ରତ ପ୍ରହରୀ। ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ଖବରଦାତାଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହିତ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିବାକୁ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ସ୍ୱତନ୍ତ୍ର ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜାତୀୟ ସାମ୍ବାଦିକ ୟୁନିଅନ ଏନ୍‌ୟୁଜେ ଇଣ୍ଡିଆର ସଂଗଠନ ସମ୍ପାଦକ ଚିନ୍ତାମଣି ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମିଶ୍ରଙ୍କ ଆବାହକତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ଉପ ସଭାପତି ବାସୁଦେବ ତ୍ରିପାଠୀ, ସମରେଶ ମିଶ୍ର ପ୍ରମୁଖ ଭୁବନେଶ୍ୱରରେ ଏକ ସାମ୍ବାଦିକ ଅତିଥି ଭବନ ନିର୍ମାଣ ପାଇଁ ଦାବି କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏସ୍‌ୟୁଜେ କେନ୍ଦୁଝର ଶାଖାର ଉପସଭାପତି କିଶୋର ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ଗୋପାଳକୃଷ୍ଣ ରାଉତ, ଉମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଐତିହ୍ୟସ୍ଥଳର ପ୍ରଚାର, ପ୍ରସାର ନିମନ୍ତେ ଗଣଦୌଡ଼



ପୌର ଅଧ୍ୟକ୍ଷା ନିକୁ ସାହୁ ପତାକା ଦେଖାଇ ଗଣଦୌଡ଼କୁ ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର,୫।୪(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରିବା ନିମନ୍ତେ ରାଜ୍ୟବ୍ୟାପୀ ଐତିହ୍ୟ ଗଣଦୌଡ଼ ଆୟୋଜିତ ହୋଇଛି। ଓଡ଼ିଆ ପକ୍ଷର ପଞ୍ଚମ ଦିବସରେ ରବିବାର କେନ୍ଦୁଝରଠାରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଜିଲାସ୍ତରୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ଦୌଡ଼ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଜିଲା ଅବକାରୀ ଅଧିକ୍ଷକ ତେଜରାଜ ଜାନି, ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ।

### ଓଡ଼ିଆ ପକ୍ଷରେ ଦୌଡ଼ିଲେ ଛାତ୍ରୀଛାତ୍ର

ପାଟଣା,୫।୪(ବୀର କିଶୋର ଦାଶ): ଓଡ଼ିଆ ପକ୍ଷ ଉପଲକ୍ଷେ ରବିବାର ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ତରଫରୁ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଗଣଦୌଡ଼ରେ ୧୦୫ଜଣ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକ, କର୍ମଚାରୀ ସାମିଲ ହୋଇଥିଲ। ଗଣଦୌଡ଼ କଲେଜ ପରିସରରୁ ବହାରି ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ଶିବ ମନ୍ଦିର, ପାଟଣା ବଜାର ଓ ପୁରୁଲିଆ ଫାୟାରଷ୍ଟେଶନ ପର୍ଯ୍ୟନ୍ତ ଯାଇଥିଲା। କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ସହ ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ, ଅଧ୍ୟାପକ ରତ୍ନାକର ମହାକୁର, ମନ୍ଦାକିନୀ ନାଏକ ପ୍ରମୁଖ ଯୋଗଦେଇଥିଲେ।

### ୧୧ରୁ ଶୁଭାଶିଷ ମେମୋରିଆଲ ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତା

କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝରରେ ଆସନ୍ତା ୧୧ ତାରିଖରୁ ୧୧ତମ ଶୁଭାଶିଷ ମେମୋରିଆଲ ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହେବ। ଫେମସ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ୧୩ ତାରିଖ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ରବିବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ବିଶ୍ୱଜିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି।

### ପରିତ୍ୟକ୍ତ କିରୋସିନ ଡିପୋରେ ଅଗ୍ନିକାଣ୍ଡ

ପାଟଣା,୫।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଦୁର୍ଗାଦେଇପୁର ବାଇପାସ ଛକ ନିକଟରେ ଥିବା ପରିତ୍ୟକ୍ତ (ପୁରୁଣା) କିରୋସିନ ଡିପୁରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଡିପୋର ଖପର ଘରଟି ସମ୍ପୂର୍ଣ୍ଣ ଜଳିଯାଇଛି। ରବିବାର କିରୋସିନ ଟ୍ୟାଙ୍କରକୁ କାଟି ବିକ୍ରି କରିବା ପାଇଁ କବାଡ଼ିଆ ଓଲ୍ଡିଂ ମେଶିନରେ କାଟୁଥିବା ବେଳେ ବଳକା କିରୋସିନ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିଥିଲା। ପାଟଣା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସାଳନ୍ଦୀ ନଦୀର ସୋସୋ ବ୍ରାହ୍ମଣସାହି ଘାଟରେ ପୋଲ ନିର୍ମାଣ ପାଇଁ ସର୍ଭେ

ବଉଳା,୫।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହଦଗଡ଼ ସାଳନ୍ଦୀ ନଦୀର ସୋସୋ ବ୍ରାହ୍ମଣ ସାହି ନଦୀ ଘାଟ ଉପରେ ନୂତନ ପୋଲ ନିର୍ମାଣ ଆଶା ଉଜ୍ଜଳ ହୋଇଛି। ଗ୍ରାମର ଲୋକମାନେ ସାଳନ୍ଦି ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ଦାବି କରିଆସୁଥିଲେ। ଆର୍‌ଡି ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସର୍ଭେ ଓ ବୋରିଂ କରି ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହେବା ପରେ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ସୋସୋ ଗ୍ରାମର ଗୋଟିଏ ପାର୍ଶ୍ୱରେ ଗାଁ ରହିଥିବା ବେଳେ ନଦୀର ଅପରପାର୍ଶ୍ୱରେ ୭୦ ଭାଗ ଜମି ରହିଛି। ବର୍ଷା ଦିନେ ଓ ନଦୀର ପାଣି ଛାଡ଼ିବା ସମୟରେ ଚାଷ ଜମିକୁ ଯିବା କଷ୍ଟକର ହୋଇ ପଡ଼ିଥାଏ। ତାଛଡ଼ା ଗୋରୁ ଚରିବାରେ ଅସୁବିଧା ହୋଇଥାଏ। ପୋଲ ନିର୍ମାଣ ନେଇ ଦାବି କରିଆସିଥିବା ବେଳେ ଏବେ ପୋଲ ନିର୍ମାଣ ହେବା ନେଇ ଆଶା ଉଜ୍ଜିବିତ ହୋଇଛି। ଆରଡି ବିଭାଗର ଏକ ଟିମ୍ ବ୍ରାହ୍ମଣ ସାହି ନଦୀ କୂଳରେ ପୋଲ ନିର୍ମାଣ ପାଇଁ ସର୍ଭେ କରିବା ସହିତ ବୋରିଂ କରି ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ କରିଛି। ଏହାକୁ ନେଇ ଆଞ୍ଚଳିକ ନାଗରିକ ବିକାଶ ମଞ୍ଚ ସୋସୋର ସଭାପତି ପର୍ଶୁରାମ ପେଡ଼ା, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଦେହୁରୀ, ସମ୍ପାଦକ ମୋହନ ମହାନ୍ତ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ମହାନ୍ତି ଆଦି ଗ୍ରାମର ବରିଷ୍ଠ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ସରକାରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଭାଗ ପ୍ରଶାସନକୁ ସାଧୁବାଦ ଜଣାଇନ୍ତି।

### ମା’ ତାରିଣୀଙ୍କ ଦର୍ଶନକଲେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ଘଟଗାଁ,୫।୪(ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଯୋଜନା ବୋର୍ଡର ନୂତନ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡ. ଫକୀର ନାଏକ ଘଟଗାଁ ଗସ୍ତରେ ଆସି ମା’ ତାରିଣୀଙ୍କୁ ଦର୍ଶନ କରିଛନ୍ତି। ସେ ନୂତନ ଭାବେ ଜିଲାର ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପଦ ପାଇଥିବାରୁ ଜିଲାର ବିକାଶକୁ ତ୍ୱରାନ୍ୱିତ କରିବାକୁ ସଂକଳ୍ପବଦ୍ଧ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ପାଟଣା ବିଧାୟକ ଅଖିଳ ନାଏକ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଘସିପୁରା ଭାଜପା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ପୂର୍ବତନ ମନ୍ଦିର ପରିଚାଳନା ବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ରୁଦ୍ର ନାରାୟଣ ବେହେରା, ପୂର୍ବତନ ଘଟଗାଁ ମଣ୍ଡଳ ସଭାପତି ଗୋଲକ ବଳ, ସତ୍ୟମ ଦେହୁରୀ, ରବି ନାରାୟଣ ଦେହୁରୀ, ଜଗବନ୍ଧୁ ସା, ହେମ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଟେଇରେ ଓଏମ୍‌ବିଏଡିସି କାର୍ଯ୍ୟର ସମୀକ୍ଷା

ପାଟଣା,୫।୪(ବୀର କିଶୋର ଦାଶ)
କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ହୋଇଥିବା ଓଡ଼ିଶା ମାଇନିଂ ବିୟରିଂ ଡେଭଲପମେଣ୍ଟ କର୍ପୋରେଶନ(ଓଏମବିଏଡିସି) କାର୍ଯ୍ୟର ପରାମର୍ଶଦାତା କମିଟିର ସଦସ୍ୟମାନେ ଶନିବାର ଅପରାହ୍ନରେ କାର୍ଯ୍ୟର ତଦାରଖ କରିଛନ୍ତି। ସଂରକ୍ଷିତ ଜଙ୍ଗଲର ପିଚ୍ଛୁଳାବେଡ଼ା ଗ୍ରାମ ନିକଟରେ ହୋଇଥିବା ୬ ଲକ୍ଷ ୯୪ ହଜାର ଟଙ୍କା ବିନିମୟରେ ପୋଖରୀ ଖନନ କାର୍ଯ୍ୟ, ରହଣିଡୁମା ଗ୍ରାମ ନିକଟରେ ୮ ଲକ୍ଷ ଟଙ୍କା ବିନିଯୋଗରେ ହେଇଥିବା ୨ କି.ମି ହାତୀ ଖାଇକୁ ପରିଦର୍ଶନ ଓ ମାପ କରିଥିଲେ। ଟିମ୍‌ରେ ଅବସରପ୍ରାପ୍ତ ରେଞ୍ଜର ବିଜୟ ମହାନ୍ତ, ଶୁଶାନ୍ତ ପ୍ରଧାନ ସାମିଲ ହୋଇଥିଲେ। ପାଟଣା ବନପାଳ ନିରଞ୍ଜନ ସେଠୀ ସହୋ ଯୋଗ କରିଥଲେ।

### ଟିକିରାରେ ୨୪ ପ୍ରହର ନାମଯଜ୍ଞ



ଢେଙ୍କିକୋଟ,୫।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ଉପର ସାହିରେ ଶନିବାରଠାରୁ ୩୧ତମ ବାର୍ଷିକ ୨୪ ପ୍ରହର ନାମଯଜ୍ଞ ପାଳିତ ହେଉଛି। ନାମଯଜ୍ଞରେ ଜିଲା, ଜିଲା ବାହାରୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଟିକିରା ଉପର ସାହି ସଙ୍କୀର୍ତ୍ତନ ମଣ୍ଡଳୀର ମହୁର ଚରଣ ନାଏକ, ରାଇଟର ନାଏକ, ପ୍ରଫୁଲ୍ଲ ନାଏକ ଓ କଳାକର ନାଏକ ସମେତ ସଙ୍କୀର୍ତ୍ତନ ମଣ୍ଡଳୀର ସଭାପତି ନରେନ୍ଦ୍ର ନାଏକ, ସମ୍ପାଦକ ଗୋପବନ୍ଧୁ ନାଏକ, କୋଷାଧ୍ୟକ୍ଷ ଗୁରୁଚରଣ ରାଉତ, ସକ୍ରିୟ ସଦସ୍ୟ ସୁମନ୍ତ ନାଏକ, ନିରଞ୍ଜନ ନାଏକ, ସନ୍ଦୀପ ନାଏକ, ଅକ୍ଷୁ ନାଏକ ସମେତ ୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ୪୦ ୟୁନିଟ ରକ୍ତ ସଂଗ୍ରହ

ବୈଶିଙ୍ଗା,୫।୪(ରତନ ଦାଶ)
ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ପଦ୍ମନାଭପୁରଠାରେ ସିଦ୍ଧିବିନାୟକ ଯୁବକ ସଂଘ ପକ୍ଷରୁ ନିକଟସ୍ଥ ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ଇନ୍ଦ୍ରମଣି ମହାପାତ୍ର, ସମ୍ମାନିତ ଅତିଥି ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ , ସରପଞ୍ଚ ବବିତା ସିଂ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସିଂ, ଯୁବ ସଂଗଠକ ରାଜୀବ ରଞ୍ଜନ ସେନାପତି , ଗିରିଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୪୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଯୁବକ ସଂଘର ସଭାପତି ଶମ୍ଭୁନାଥ ସିଂ ଓ ସମ୍ପାଦକ ସୁନ୍ଦର ସିଂଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଚନ୍ଦନ ପଣ୍ଡା, ଦେବରଞ୍ଜନ ସିଂ, ଫକିରମୋହନ ସିଂ, ସମରେନ୍ଦ୍ର ହେମ୍ବ୍ରମ, ଶଙ୍କର ସିଂ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ କାରି ମାଝି ଓ ପାର୍ବତୀ ସିଂ, ଆଶା କର୍ମୀ ସୁରୁବାଲି ହେମ୍ବ୍ରମଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଓଡିଶା ରକ୍ତ ଭଣ୍ଡାର,ବାଲେଶ୍ୱର ପକ୍ଷରୁ ଡା.ରୂପଶ୍ରୀ ରାଗିଣୀ ପ୍ରଧାନଙ୍କ ସହିତ ଟେକ୍ନିସିଆନ ବସନ୍ତ ଜେନା,ସୌଭାଗ୍ୟବତୀ ପରିଡା ଓ ମୋନାଲିସା ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ରକ୍ତ ସଂଗ୍ରହ କରିଥିଲେ।

# ଧୂଳି, ଧୂଆଁରେ ଅତିଷ୍ଠ ଲୋକେ

## ବାମେବାରି-କାଳୀମାଟି ରାସ୍ତା ଶୋଚନୀୟ

### ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଯୋଡ଼ା,୫।୪(ମାନସ ମହାନ୍ତି)
କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାମେବାରି-କାଳୀମାଟି ତଥା ବି ପ୍ଲଟ୍ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବଳଦା ପଞ୍ଚାୟତ ଅଧୀନରେ ଥିବା ଉକ୍ତ ୨ ନମ୍ବର ରାଜ୍ୟ ରାଜପଥର ବି ପ୍ଲଟ୍ ରାସ୍ତାରେ ପ୍ରତିଦିନ ଅନେକ ଶହ ସଂଖ୍ୟାରେ ଟ୍ରକ୍ ଚଳାଚଳ ଯୋଗୁ ପ୍ରଦୂଷଣ ବୃଦ୍ଧି ପାଉଛି। ଧୂଳି, ଧୂଆଁରେ ସ୍ଥାନୀୟ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଥିବା ବେଳେ ଅଭିଯୋଗ ପରେ ମଧ୍ୟ ରାସ୍ତା ମରାମତି କରାଯାଉନାହିଁ।



ପ୍ରକାଶ ଯେ, ବାମେବାରି-କାଳୀ ମାଟି ରାସ୍ତା ଦେଇ ଦୈନିକ ଅନେକ ହଜାର ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଫଳରେ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ବେଳେ ଧୂଳି ଉଡ଼ି ଅଞ୍ଚଳ ବହୁ ମାତ୍ରାରେ ପ୍ରଦୂଷିତ ହେଉଛି। ମରାମତି ଅଭାବରୁ ଦିନକୁ ଦିନ ରାସ୍ତା ଅଧିକ ଖରାପ ହେବାରେ ଲାଗିଛି। ରାସ୍ତା ଦେଇ ଖଣିଜ ପରିବହନ କରୁଥିବା ସ୍ଥାନୀୟ ଖଣି କମ୍ପାନୀଗୁଡ଼ିକ ମରାମତି ପ୍ରତି ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ପଙ୍କଜ ବାରିକଙ୍କ ସମେତ ଅନ୍ୟମାନେ କହିଛନ୍ତି। ପ୍ରଦୂଷଣର ମାତ୍ରା ବୃଦ୍ଧି ଯୋଗୁ ଅନେକେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତାରେ ଜଳ ସିଞ୍ଚନ ଦାବି କରି ସ୍ଥାନୀୟ ଲୋକେ ଅନେକ ଥର ରାସ୍ତାରୋକୋ କରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ପ୍ରଶାସନର ହସ୍ତକ୍ଷେପ ପରେ କେତେ ଦିନ ଜଳ ସିଞ୍ଚନ କରି ପୁଣି ବନ୍ଦ କରିଦିଅନ୍ତି। ରାସ୍ତାରେ କିଛି ମାସ ହେବ ଦୁବୁନାସ୍ଥିତ ଏକ କମ୍ପାନୀର ପାଣି ଗାଡ଼ି ଆସି ବି ପ୍ଲଟ୍ ରାସ୍ତାରେ ପାଣି ପକାଉଥିଲା। ଏବେ ୬ ଦିନ ହେବ ରାସ୍ତାରେ ପାଣି ପକାଇବା ବନ୍ଦ କରି ଦିଆ ଯାଇଥିବା ଗ୍ରାମବାସୀ ସୂର୍ଯ୍ୟମଣି ନାଏକ, ଚାନ୍ଦମଣି ବିଶ୍ୱାସ, ପର୍ଶୁରାମ ନାଏକ କହିଛନ୍ତି। ଆଗାମୀ ଦିନରେ ସମସ୍ୟା ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ମୁଣ୍ଡାରୀ ବାଣୀ ଶିକ୍ଷକଙ୍କ ବୈଠକ

ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ଦ୍ୱାରା ପରିଚାଳିତ ମୁଣ୍ଡାରୀ ଭାଷା ବିଦ୍ୟାଳୟ ଗୁଡ଼ିକର ମୁଣ୍ଡାରୀ ବାଣୀ ଶିକ୍ଷକମାନଙ୍କର ଏକ ବୈଠକ ବାରିପଦାର ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଗୁଡ଼ିକର ପ୍ରଗତି ସମୀକ୍ଷା କରିବା ଏବଂ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବୀରବଲ ସିଂ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ବୋର୍ଡର ଶିକ୍ଷା ସଚିବ ବୁଦ୍ଧିଆ ସିଂ ଏବଂ ପର୍ଯ୍ୟବେକ୍ଷକ ଅଜିତ କୁମାର ସିଂ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷକମାନେ ବିଦ୍ୟାଳୟ ମୂଲ୍ୟାୟନ ଫର୍ମାଟ ଅନୁସାରେ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ପରବର୍ତ୍ତୀକାଳରେ ବିଦ୍ୟାଳୟମାନଙ୍କର ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ଶେଷରେ ସମସ୍ତ ଅଂଶଗ୍ରାହୀମାନେ ମୁଣ୍ଡାରୀ ଭାଷାର ପ୍ରଚାର ଏବଂ ବିଦ୍ୟାଳୟମାନଙ୍କର ସୁଦୃଢୀକରଣ ପାଇଁ ପୁନର୍ବାର ଦୃଢ଼ ସଙ୍କଳ୍ପ ନେଇଥିଲେ।

